# Akashvani, Sambalpur

## SAMBALPURI NEWS BULLETIN

### 24 August 2025 - 6.47- 6.52 am.

******************************************************

ଅନ୍ତ୍ୟୋଦୟ ଗୃହ ଯୋଜ୍ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତ୍ୟୋଦୟ ଗୃହ ଯୋଜ୍ନାର୍ ପ୍ରୋତ୍ସାହନ୍ ଟଙ୍କା ଦେବାର୍ ନିୟମ୍‌ଥି ଟିକେ ବଦ୍‌ଲାଯାଇଛେ । ଆଘୋନୁ ୪ ମାସ୍ ଭିତ୍‌ରେ ଘର୍ ବନା ସାଏଲେ ୨୦ ହଜାର୍ ଟଙ୍କା ମିଲୁଥିଲା । ଏତ୍‌କର୍ ୪ ମାସ୍ ବଦ୍‌ଲେ ୬ ମାସ୍ ଭିତ୍‌ରେ ଘର୍ ତିଆର୍ ସର୍‌ଲେ ଭି଼ଲ୍ ୨୦ ହଜାର୍‌ତକ୍ ଟଙ୍କା ପ୍ରୋତ୍ସାହନ୍ ଟଙ୍କା ଦିଆଯିବା । ସେନ୍ତା ୬ ମାସ୍ ବଦ୍‌ଲେ ୮ ମାସେ ଘର୍ ସାଏଲେ ୧୦ ହଜାର୍ ଟଙ୍କା ପ୍ରୋତ୍ସାହନ୍ ରାଶି ମିଲ୍‌ବା ବଲି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଇ ବାବ୍‌ଦେ ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ, ସବୁ ଜିଲ୍ଲାପାଳ୍ ଆଉ ଜିଲ୍ଲା ପରିଷଦ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କୁ ଚିଠି କରିଏ ସଂଶୋଧିତ୍ ମାର୍ଗଦର୍ଶିକା ବାବ୍‌ଦେ ଜନେଇଛନ୍ ।

ପୂର୍ବତଟ ରେଲ୍‌ପଥର ମହାପ୍ରବନ୍ଧକ ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥର ମହାପ୍ରବନ୍ଧକ୍ ପରମେଶ୍ୱର୍ ଫୁଙ୍କ୍‌ୱାଲ୍ ଗଲାକାଏଲ୍ ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍ ଆଉ କୋଚିଂ ଡିପୋ ଯାଂଚ୍ କରିଛନ୍ । ଇତାର୍‌ସହେତେ ଯାତ୍ରୀ ସୁବିଧା ଚାଲୁଥିବା ବିକାଶ୍‌ମୂଳକ୍ କାମ୍ ଆଉ ଭିତିଭୂମି ଉନ୍ନତି କାମ୍‌ର ଭିଲ୍ ସେ ସମୀକ୍ଷା କରିଛନ୍ । ମଣ୍ଡଲ୍ ପ୍ରବନ୍ଧକଙ୍କର୍ କାର୍ଯ୍ୟାଳୟର୍ ସମ୍ମିଳନୀ କକ୍ଷ ନ ଶ୍ରୀ ଫୁଙ୍କ୍‌ୱାଲ୍ ଗୁଟେ ବୈଠକ୍ କରିଥିଲେ । ଇଥି ମଣ୍ଡଲ୍‌ର ସବୁ ବିଭାଗ୍‌ର ପର୍ଯ୍ୟବେକ୍ଷକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା ହେଇଥିଲା । କାର୍ଯ୍ୟକ୍ରମ୍‌ଥି ରେଲ୍ ପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀଙ୍କର୍ ସହେତେ ମଣ୍ଡଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ପରୀକ୍ଷା ଖାତା ଯାଂଚ୍ ଆବେଦନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ସପ୍ଲିମେଂଟରୀ ଆଉ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉତର୍‌ଖାତା ଫେର୍‌ଘାଏ ଯାଂଚ୍ ଲାଗି ଆବେଦନ୍ ଆଏଜ୍‌ଠାନୁ ମୁଲ୍ ହେଇକରି ସେପ୍ଟେମ୍ବର୍ ୨ ତାରିଖ୍‌ତକ୍ ଚାଲ୍‌ବା । ଆବେଦନ୍‌କାରୀମାନେ କାର୍ଯ୍ୟଦିବସ୍ ମାନ୍‌କେ ବୋର୍ଡ଼ର ମୁଖ୍ୟ କାର୍ଯ୍ୟାଳୟ ନାହେତ ଶାଖା କାର୍ଯ୍ୟାଳୟ ନ ଅଫ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ । ଆବେଦନ୍ କର୍‌ବାର୍ ଦର୍‌ଖାସ୍ତ ବୋର୍ଡ଼ର ୱେବ୍‌ସାଇଟ୍

www.bseodisha.ac.in ଥି ମିଳୁଛେ । ବୋର୍ଡ୍ ତର୍ଫୁ ଯାଂଚ୍ ପ୍ରକ୍ରିୟା ସର୍ଲା ଉତ୍ରୁ ଆବେଦନ୍‌କାରୀଙ୍କର୍ ସଂଶୋଧିତ୍ ମାର୍କସିଟ୍ ଦିଆଯିବା ଆଉ ଖାତାର ଅବିକଲ୍ ନକଲ୍ ଡାକ ଜରିଏ ଆବେଦନ୍‌କାରୀମାନ୍‌କୁ ଦିଆଯିବା ବଲି ବୋର୍ଡ୍ ତର୍ଫୁ କୁହାଯାଇଛେ ।

ଏସ୍‌ଏମ୍‌ସି-ଓଡିଏଫ୍ ପ୍ଲସ୍ ପ୍ଲସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମଲପଙ୍କ ପରିଚାଲନା ଆର୍ ବାହ୍ୟମୁକ୍ତ ଶୌଚ ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଲାଗି ଓଡିଏଫ୍ ପ୍ଲସ୍ ପ୍ଲସ୍ ମାନ୍ୟତା ମିଲିଛେ । ୬ ମାସ୍ ତଲେ ଓଡିଏଫ୍ ସର୍ବେକ୍ଷଣ୍ ଦଲ୍ ବୁଲିକରି ସର୍ଭେ କଲା ଉତ୍ରୁ ନିଗମ୍‌କେ ଓଡିଏଫ୍ ପ୍ଲସ୍ ପ୍ଲସ୍ ପ୍ରମାଣ୍‌ପତ୍ର ଦେଇଛେ । ଖୁଲା ନ ମଲତ୍ୟାଗ ବନ୍ଦ୍ ହେବାର୍, ସ୍ୱେରେଜ୍ ବ୍ୟବସ୍ଥା ସହେତେ ମଲପଙ୍କ ପରିଚାଲନା କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ କରିଥିବାର୍‌ନୁ ଇ ମାନ୍ୟତା ମିଲିଛେ । ବୁର୍ଲା, ହୀରାକୁଦ୍ ଆଉ ଖଁଡୁଆଲ୍ ନ ଥିବା ୩ ଟା ଜାଗା ନ ମଲପଙ୍କ ପରିଚାଲନା କରାଯାଉଛେ ବଲି ମହାନଗର୍ ନିଗମ୍ ଉପଆୟୁକ୍ତ ସୂଚ୍‌ନା ଦେଇଛନ୍ ।

ଝାର୍‌ସୁଗୁଡ଼ା-ବେଙ୍ଗାଲୁରୁ ବିମାନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ବିମାନ୍ ବନ୍ଦର୍‌ନୁ ବେଙ୍ଗାଲୁରୁକେ ୨ ନମ୍ବର୍ ବିମାନ୍ ସେବା ଗଲାକାଏଲ୍ ମୁଲ୍ ହେଇଛେ । ଷ୍ଟାର୍ ଏୟାର୍‌ଲାଇନ୍ସ ତର୍‌ଫୁ ମୁଲ୍ ହେଇଥିବା ଇ ବିମାନ୍ ସେବା ହପ୍ତାକ ୨ ଦିନ୍ ଚାଲ୍‌ବା । ବେଙ୍ଗାଲୁରୁ ରୁଟ୍‌ଥି ଆଘୋନୁ ଇଣ୍ଡିଗୋ ଏୟାର୍‌ଲାଇନ୍ସ ହପ୍ତାକ ୫ ଦିନ୍ ଚଲାଚଲ୍ କରୁଛେ । ଇଣ୍ଡିଗୋ ବିମାନ୍ ଚଲାଚଲ୍ ନାଇଁ କରୁଥିବା ୨ ଦିନ୍ ଗୁରୁବାର୍ ଆଉ ଶନିବାର୍ ଷ୍ଟାର୍ ଏୟାରଲାଇନ୍ସ ତର୍‌ଫୁ ବିମାନ୍ ଚଲାଚଲ୍ କର୍‌ବା ।

ପ୍ରଶିକ୍ଷଣ୍ ଶିବିର-ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ସମ୍ମିଲନୀ କକ୍ଷ ନ ବିପର୍ଯ୍ୟୟ ପରିଚାଲନା ଲାଗି ପଂଚାୟତ୍ କାର୍ଯ୍ୟନିର୍ବାହୀ ଅଧିକାରୀମାନ୍‌କର୍ ପ୍ରଶିକ୍ଷଣ୍ ଶିବିର୍ ହେଇଯାଇଛେ । ଜିଲ୍ଲା ଜରୁରୀକାଳୀନ୍ ଅଧିକାରୀ ହେମନ୍ତ କୁମାର୍ ସିଂ ଇଥି ଯୋଗ୍ ଦେଇକରି ପ୍ରାକୃତିକ୍ ବିପର୍ଯ୍ୟୟ ସମିଆଥି ସାଧାରଣ୍ ଲୁକେ ଇତାର୍ ମୁକାବିଲା କର୍‌ବାର୍ ବାବ୍‌ଦେ ତାଲିମ୍ ଦେଇଥିଲେ ।

ନୂଆପଡ଼ା-ନୂଆଖାଇ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଦିମ ଜନଜାତି ଚାକୋଟିଆ ଭୁଞ୍ଜିଆଙ୍କର୍ ଅଧିଷ୍ଠାତ୍ରୀ ଦେବୀ ମା ସୁନାଦେଇଙ୍କର୍ ନୂଆଖାଇ ପରବ୍ ପାଳିତ୍ ହେଇଯାଇଛେ ।

ଭୁଦୋ ମାସର୍ ଉଆଁସ୍ ତିଥି ନ ମା ସୁନାଦେଇଙ୍କର୍ ପୀଠ ନ ନୂଆଖାଇ କରାଯାଏସି । ଇ ପରବ୍ ପାଲନ୍ ଲାଗି ଦଶଭାଇ ଚୌରାସି ଟା ଟିକିରି ଗାଁ ନ ଆସିକରି ସାମିଲ୍ ହେସନ୍ । ମା ସୁନାଦେଇ କଲାସି ଦେହେଥି ଆସିକରି ନୂଆଁ ଶସ୍ୟ ଗ୍ରହଣ୍ କର୍ବାର୍ ସହେତେ ସଭେ ଗୁଟେ ଠାନେ ନୂଆଁ ଖାଇକରି ଜୁହାର୍ଭେଟ୍ ହେସନ୍ ।

ରୋଗ୍ ଭସାଣୀ ପରମ୍ପରା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଗାଁ ଇଲାକା ନ ଆଏଜ୍ ଭିଲ୍ ପ୍ରାଚୀନ୍ ପରମ୍ପରା ରୋଗ୍ ଭସାଣୀ କରାଯାଉଛେ । ଆଘର୍କାଲେ ମହାମାରିକେ ଦୂର୍ କର୍ବାର୍ ଲାଗି ଭିନ୍ ଭିନ୍ ରକମ୍ର ଡାଲ୍ କେ ନେଇକରି ଜୁଏ ଲଗେଇକରି ସେ କୁହୁଲାଥି ନଗର୍ ପରିକ୍ରମା କରୁଥିଲେ । ଆଏଜ୍ ଖଡ଼ିଆଲ୍ ବ୍ଲକ୍ ବେନ୍ଦ୍ରାବାହାଲ୍ ଗାଁ ନ ଇ ରୋଗ୍ ଭସାଣୀ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ରାଜ୍ୟ ଗୋଷ୍ଠୀ ଭାରୋତଲନ୍ ଚମ୍ପିଆନ୍ସିପ/ଆର୍ଏନ୍ୟୁ ସମ୍ବଲପୁର

ଗୁଜରାଟ୍ର ଅହମଦାବାଦ୍ ଠାନେ ଆଏଜ୍ଠାନୁ ରାଜ୍ୟ ଗୋଷ୍ଠୀ ଭାରୋତଲନ୍ ଚମ୍ପିଆନ୍ସିପ୍ ମୁଲ୍ ହେବା । ଇଥିର୍ଲାଗି ଭାରତୀୟ ଦଲ୍

ନ ୬ ଝନ୍ ଓଡ଼ିଆ ଠାନ୍ ପାଇଛନ୍ । ଇ ଚମ୍ପିଆନ୍‌ସିପ୍ ଆଏଜ୍‌ଠାନୁ ମୁଲ୍ ହେଇକରି ୩୦ ତାରିଖ୍‌ତକ୍ ଚାଲ୍‌ବା ।

ଜାତୀୟ ଅନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା/ଆର୍‌ଏନ୍‌ୟୁ ସମ୍ବଲପୁର

ଚେନ୍ନାଇ ନ ଚାଲିଥିବା ୬୪ ନମ୍ବର୍ ଜାତୀୟ ଅନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାଥି ଓଡ଼ିଶାର୍ ଧାବକ ଅନିମେଷ୍ କୁଜୁର୍ ୨ ଶହ ମିଟର୍ ପୁରୁଷ ଦୌଡ଼ଥି ସ୍ୱର୍ଣ୍ଣପଦକ୍ ଜିତିଛନ୍ । ଇତାର୍‌ଛଡ଼ା ପୁରୁଷ ହାଇଜମ୍ପ୍‌ଥି ସ୍ୱାଧୀନ୍ କୁମାର୍ ମାଝୀ କାଂସ୍ୟ ପଦକ୍ ଜିତିଛନ୍ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ଆର୍ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ତିଆର୍ ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା,

କେନ୍ଦୁଝର୍ ଆର୍ ମୟୁର୍ଭଞ୍ଜ୍ ନ ଘଡ଼୍ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍‌ନୁ ଇହାଦେ ୮ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ସଖାଲର୍ ୬ ବଜେତକ୍ ଜଲ୍ଭଣ୍ଡାର୍‌ର ଜଲ୍ସ୍ତର୍ ୬ ଶହ ୨୧ ଦଶ୍ମିକ୍ ୫/୮ ଫୁଟ୍ ରହିଛେ ।